# ନବକୃଷ୍ଣଙ୍କର ରାଜନୈତିକ ଚେତନାର ଉନ୍ମେଷ ଓ ଗୋକୁଳାନନ୍ଦ ଚୌଧୁରୀ

**ବୀରେନ୍ଦ୍ର ନାୟକ**

ପ୍ରାୟ ଚାରିଦଶନ୍ଧି ପୂର୍ବେ (୫ମାର୍ଚ୍ଚ ୧୯୭୮) ଏହି ନିବନ୍ଧର ଲେଖକ ଓ ଓଡ଼ିଶା ହାଇକୋର୍ଟର ଅଧିବକ୍ତା ଗୁରୁ ମହାନ୍ତି ନବକୃଷ୍ଣ ଚୌଧୁରୀଙ୍କର ଏକ ସାକ୍ଷାତକାର ନେଇଥିଲେ । କୁହାଯାଏ ଯେ ଏହି ସାକ୍ଷାତକାର ହେଉଛି ନବବାବୁଙ୍କର ପ୍ରଥମ ଓ ଶେଷ ସାକ୍ଷାତକାର । କାରଣ ପ୍ରଚାରବିମୁଖ ନବବାବୁ କୌଣସି ପ୍ରକାରର ସାକ୍ଷାତକାର ଦେବାରେ ବିଶ୍ୱାସ କରୁନଥିଲେ । ବହୁତ କଷ୍ଟରେ ତାଙ୍କୁ ମନେଇ ପାରିଥିଲୁ ଏହି ସାକ୍ଷାତକାର ପାଇଁ । ଏହା ପ୍ରକୃତରେ ସମ୍ଭବ ହୋଇଥିଲା ଗୁରୁବାବୁଙ୍କ ପାଇଁ । ସେ ଜିଦ୍ ଧରି ଥିଲେ ସାକ୍ଷାତକାର ନେଇ କି ହିଁ ଯିବେ । ନବବାବୁଙ୍କୁ ସେ କହିଥିଲେ, 'ଆପଣ ହେଉଛନ୍ତି 'ପବ୍ଲିକ ପ୍ରପର୍ଟି' । ତେଣୁ ଅଲବତ୍ ଦେବେ ସାକ୍ଷାତକାର ।' ହୋ ହୋ ହୋଇ ହସି ଉଠିଥିଲେ ନବବାବୁ, ତାଙ୍କ ସ୍ୱାଭାବିକ ଢଙ୍ଗରେ । ଘର ଭିତରେ ଥିବା ମାଳତୀ ଦେବୀଙ୍କୁ ଡାକଦେଇ କହିଲେ, 'ଶୁଣୁଛ, ଗୁରୁ ମତେ କହୁଛି ମୁଁ କାଳେ ହେଉଛି 'ପବ୍ଲିକ ପ୍ରପର୍ଟି', ସାକ୍ଷାତକାର ଦେବାକୁ ବାଧ୍ୟ ।' ଭିତରୁ ମାଳତୀ ଦେବୀ କହିଲେ, "ଗୁରୁ ଛାଡ଼ିବ ନାହିଁ । ତୁମେ ଦେଇଦିଅ ।" ସାକ୍ଷାତକାର ନିଆ ଯାଉଥିଲା ଏକ ପ୍ରସ୍ତାବିତ ପାକ୍ଷିକ ପତ୍ରିକା 'ବା ର୍ତ୍ତାବହ'ର ପ୍ରଥମ ସଂଖ୍ୟାପାଇଁ । ଉଲ୍ଲେଖନୀୟ ଯେ ଏହି ସଂଖ୍ୟାଟି ମଧ୍ୟ ଶେଷ ସଂଖ୍ୟା ଥିଲା କାରଣ ଏହି ନାମଟି ଆମପାଇଁ ପଞ୍ଜୀକୃତ ହୋଇପାରିଲା ନାହିଁ । ତେବେ ସାକ୍ଷାତକାରର ପ୍ରଥମ ପ୍ରଶ୍ନ ହିଁ ଏହି ନିବନ୍ଧ ପାଇଁ ପ୍ରାସଙ୍ଗିକ । ପ୍ରଶ୍ନଟି ଥିଲା, 'ଆପଣଙ୍କର ରାଜନୈତିକ ଜୀବନ ଆରମ୍ଭ ହେଲା କେବେ ?' ଉ ର ଥିଲା, 'ପିଲା ଦିନୁ ତ ଆମ ଘରେ ରାଜନୀତି ଚର୍ଚ୍ଚା ଚାଲିଥାଏ । ତେଣୁ ସେହି ବୟସରେ ଆମେ ଉତ୍କଳ ସମ୍ମିଳନୀକୁ ସମସ୍ତଙ୍କ ସହିତ ଯାଉଥିଲୁ । ବୟସ ତ ହୋଇନଥିଲା ବୁଝିବାର କିଛି । ତଥାପି ଯୋଗ ଦେଉଥିଲୁ । ସେତେବେଳେ ସ୍ୱରାଜ୍ୟ ଆନ୍ଦୋଳନ ମଧ୍ୟ ଚାଲୁଥାଏ । ଆମ ଘରକୁ ଆସୁଥାନ୍ତି ଆଚାର୍ଯ୍ୟ ମହାଶୟ (ଆଚାର୍ଯ୍ୟ ହରିହର ଦାସ) । ଆମ ବାପା ଏବଂ ହିତାକାଂକ୍ଷୀମାନେ ମୋର ପାଠପଢ଼ା ନେଇ ତାଙ୍କର ମତାମତ ଚାହିଁଲେ । କେଉଁ ସ୍କୁଲରେ ଦେବା ? କଲିଜିଏଟରେ(ରେଭେନ୍ସା କଲିଜିଏଟ) ନାମଲେଖା ଯାଇପାରୁ ନାହିଁ । ସରକାରୀ ସ୍କୁଲ କି ନା ! ପ୍ୟାରୀମୋହନ ଏକାଡେମୀରେ ନାମଲେଖା ସ୍ଥିରହେଲା ଏବଂ ସେଠାରେ ହିଁ ପଢ଼ିଲି । ୧୯୧୩ରେ ବୋଧେ ମୋର ନାମ ଲେଖାହେଲା । କାରଣ ଯୁଦ୍ଧ ମୋ ନାମ ଲେଖା ପରେ ପରେ ହିଁ ଆରମ୍ଭ ହେଲା (ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା ୧୯୧୪ରେ)। ଏହି ସମୟରୁ ମୋର conscious ରାଜନୈତିକ ଜୀବନ ଆରମ୍ଭ ହେଲା ବୋଲି କହିପାରନ୍ତି ।'

ନବକୃଷ୍ଣଙ୍କର ବାପା ଥିଲେ ଗୋକୁଳାନନ୍ଦ ଚୌଧୁରୀ (୧୮୬୩-୧୪ ଫେବୃଆରୀ ୧୯୧୫) । ନବକୃଷ୍ଣଙ୍କ ଝିଆରୀ, ବଡ଼ଭାଇ ଗୋପବନ୍ଧୁ ଚୌଧୁରୀଙ୍କ ଝିଅ, ଅନ୍ନପୂର୍ଣ୍ଣା ମହାରଣା (ଜନ୍ମ ୩ ନଭେମ୍ବର ୧୯୧୭-୩୧ ଡିସେମ୍ବର ୨୦୧୨)ଙ୍କ ବିଚାରରେ ଗୋକୁଳାନନ୍ଦଙ୍କ ବ୍ୟକ୍ତିତ୍ୱର ପରିସ୍ଫୁଟନ ନବକୃଷ୍ଣଙ୍କ ମଧ୍ୟରେ ହୋଇଥିଲା । ତାଙ୍କରି ଭାଷାରେ,"ଜେଜେ ଓକିଲ ଭାବରେ ଯଶ ଅର୍ଜ୍ଜିଥିଲେ । ଓକିଲାତି ସଙ୍ଗେ ସଙ୍ଗେ ଉତ୍କଳ ସମ୍ମିଳନୀ, କରଣ ସଭା, ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଆନ୍ଦୋଳନରେ ମଧ୍ୟ ମୁଣ୍ଡ ଖେଳାଉଥିଲେ । ନିଜର ଗୁରୁପ୍ରତିମ ମଧୁସୂଦନ ଦାସଙ୍କ ପରି ପ୍ରତିଭାଧର ବ୍ୟକ୍ତିଙ୍କର ବିରୋଧ କରିବାକୁ ମଧ୍ୟ ପଛାଉ ନଥିଲେ । ଲେଜିସ୍ଲେଟିଭ କାଉନ୍ସିଲର ପ୍ରାର୍ଥୀ

ହେବାଠାରୁ ଆରମ୍ଭ କରି ବଙ୍ଗାଳୀବିରୋଧୀ ଆନ୍ଦୋଳନ ଯାଏ ନାନା ପ୍ରକାର କାର୍ଯ୍ୟକ୍ରମ ସହିତ ସେ ଜଡ଼ିତ ଥିଲେ । ତାଙ୍କର ବ୍ୟକ୍ତିତ୍ୱର ଏହି ଦିଗଟା ତାଙ୍କ ସାନ ପୁଅ ନବକୃଷ୍ଣଙ୍କ ମଧ୍ୟରେ ପରିସ୍ଫୁଟ ହୋଇଥିଲା ।" (ଅମୃତ ଅନୁଭବ, ଅନ୍ନପୂର୍ଣ୍ଣା ମହାରଣା, ଶିକ୍ଷା ସନ୍ଧାନ, ୨୦୦୫, ପୃ ୮) ନବକୃଷ୍ଣଙ୍କର ଗୋକୁଳାନନ୍ଦଙ୍କ ସହ ଭାବଗତ ସମ୍ପୃକ୍ତି ଏତେ ନିବିଡ଼ଥିଲା ଯେ ଗୋକୁଳାନନ୍ଦଙ୍କର ଅକାଳ ବିୟୋଗରେ ବ୍ୟଥିତ କିଶୋର ନବକୃଷ୍ଣ କୂଅକୁ ଡେଇଁ ପଡିଥିଲେ । ନବକୃଷ୍ଣଙ୍କର ପ୍ରଥମ ଜୀବନୀକାର  ଲବ୍ଧପ୍ରତିଷ୍ଠ ପ୍ରାବନ୍ଧିକ ଚି ରଂଜନ ଦାସ, ଗୋପବନ୍ଧୁ ଚୌଧୁରୀଙ୍କ ଜୀବନୀକାର ପ୍ରସିଦ୍ଧ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କୁ ଉଦ୍ଧାର କରି, ଏହି ପ୍ରସଙ୍ଗରେ ଲେଖନ୍ତି, "ନବକୃଷ୍ଣ ଚୌଧୁରୀ ଅଧୀର ହୋଇ ଘରପାଖରେ ଥିବା ଗୋଟିଏ କୂଅ ଭିତରକୁ ଡେଇଁ ପଡିଥିଲେ । ଭାଗ୍ୟକୁ କୂଅରେ ଅଳ୍ପ ପାଣି ଥିଲା; ସେ ବଂଚି ଗଲେ ।" (ଶ୍ରୀ ନବକୃଷ୍ଣ ଚୌଧୁରୀ-ଏକ ଜୀବନୀ, ଚି ରଂଜନ ଦାସ, ଇନ୍‌ଷ୍ଟିଚ୍ୟୁଟ ଅଫ ଓରିଏ ।ଲ ଷ୍ଟଡିଜ, ଦି ୟୁନିଭର୍ସ, କଟକ, ୧୯୯୨, ପୃ ୧୧) । ଗୋକୁଳାନନ୍ଦ ଚୌଧୁରୀ ଯେଉଁ ପରିବାରର କ ର୍ ।ଥିଲେ, ଯେଉଁଠାରେ ନବକୃଷ୍ଣ ଓ ଗୋପବନ୍ଧୁଙ୍କର ପ୍ରତିପାଳିତ ହେଉଥିଲେ ସେଠାରେ, ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଭାଷାରେ, "ଆଭିଜାତ୍ୟ ଛଡ଼ା ରାଜନୈତିକ ସଚେତନତା ଥିଲା, ଜାତୀୟ ଚେତନା ଓ ସେବାଭାବ ଥିଲା, ଓଡ଼ିଶାରେ ସେ ଚେତନା ବଢ଼ାଇବାରେ ଯେ ନିଜେ ଜଣେ ବଡ଼ ନେତା, ସେ ଗୋପବାବୁଙ୍କ ବାପା ଶ୍ରୀ ଗୋକୁଳାନନ୍ଦ ଚୌଧୁରୀ ।" ( ଧୂଳିମାଟିର ସନ୍ଥ, ଗୋପୀନାଥ ମହାନ୍ତି, ବିଦ୍ୟାପୁରୀ, ୧୯୮୫, ପୃ ୩୮) କିପରି ଏହି ରାଜନୈତିକ ସଚେତନତା ଗୋକୁଳାନନ୍ଦ ସଚେତନ ଭାବରେ ତାଙ୍କ ପୁତ୍ର ଦ୍ୱୟଙ୍କ ଭିତରେ ସୃଷ୍ଟି କରୁଥିଲେ, ତାର ଏକ ଝଲକ ମିଳେ ଯେତେବେଳେ ଅନ୍ନପୂର୍ଣ୍ଣା ମହାରଣା ଲେଖନ୍ତି, "ଗୋପବନ୍ଧୁଙ୍କ ମୁହଁରୁ ଶୁଣିବା କଥା ୧୯୦୫ରେ ରୁଷ-ଜାପାନ ଯୁଦ୍ଧ ଲାଗିଥିବା ବେଳେ ଗୋକୁଳାନନ୍ଦ ଦଶବର୍ଷ ବୟସ୍କ ଗୋପବନ୍ଧୁଙ୍କୁ ବଡ଼ପାଟିରେ ଇଂରାଜୀ ଖବର କାଗଜ ପଢ଼ିବା ପାଇଁ ବରାଦ କରୁଥିଲେ ଏବଂ ସେ ଯୁଦ୍ଧର ବୀର ସେନାପତି ଜେନେରାଲ କୁରୋପାଟନିନ୍, ଜେନେରାଲ ରୁଷୋ ଆଦିଙ୍କର ଦେଶପ୍ରେମ ଓ ସାହସର ପ୍ରଶଂସା କରୁଥିଲେ । ସେ ସବୁ ବୀରତ୍ୱ କାହାଣୀ କିଶୋର ଗୋପବନ୍ଧୁଙ୍କ ଜୀବନକୁ ପ୍ରଭାବିତ କରୁଥିଲା ।" (ବାପା, ଅନ୍ନପୂର୍ଣ୍ଣା ମହାରଣା, ପ୍ରକାଶକ କର୍ମଦେବ ମହାରଣା ଓ ଜ୍ଞାନଦେବ ମହାରଣା, ୩ ମଇ ୨୦୧୭, ପୃ ୧୫) ଗୋପବନ୍ଧୁ ଚୌଧୁରୀ (୮ ମେ ୧୮୯୫-୨୮ଏପ୍ରିଲ ୧୯୫୮)  ଅନ୍ନପୂର୍ଣ୍ଣା ମହାରଣାଙ୍କ ପୁତ୍ର କର୍ମଦେବ ମହାରଣା, ଏ ଲେଖକ ସହ କଥୋପକଥନ ବେଳେ (୦୭/୧୧/୨୦୧୭) କୁହନ୍ତି ଯେ ସେ ନବକୃଷ୍ଣଙ୍କ ଠାରୁ ଶୁଣିଛନ୍ତି କିପରି ଗୋକୁଳାନନ୍ଦ ଖିଅର ହେବା ସମୟରେ ନବକୃଷ୍ଣଙ୍କୁ ମଧ୍ୟ ଖବରକାଗଜ ପଢ଼ିବା ପାଇଁ ବରାଦ କରୁଥିଲେ ଓ ଶୁଣି ବୁଝାଉଥିଲେ । କହିବା ବାହୁଲ୍ୟ ଯେ ଗୋକୁଳାନନ୍ଦ ଚୌଧୁରୀ ହିଁ ତାଙ୍କ ପରିବାରରେ ରାଜନୈତିକ ସଚେତନତାର ଭି ି ପକାଇଥିଲେ । ତେଣୁ ଗୋକୁଳାନନ୍ଦ ଚୌଧୁରୀଙ୍କ ସମ୍ପର୍କରେ ଜାଣିବାର ଉତ୍ସୁକତା ସୃଷ୍ଟି ହେବା ସ୍ୱାଭାବିକ ।

ଗୋକୁଳାନନ୍ଦ ଚୌଧୁରୀଙ୍କ ପିତା ଥିଲେ ବ୍ରଜସୁନ୍ଦର ମଙ୍ଗରାଜ ଓ ଜେଜେ ଥିଲେ ଗୋବର୍ଦ୍ଧନ ମଙ୍ଗରାଜ । ଗୋକୁଳାନନ୍ଦଙ୍କ ନାତି, ଗୋପବନ୍ଧୁଙ୍କ ପୁତ୍ର ମନମୋହନ ଚୌଧୁରୀ ତାଙ୍କ ପରିବାରର ବଂଶାବଳୀ ସମ୍ପର୍କରେ ତାଙ୍କର ଜେଜେମାର ଭାଷାକୁ ଉଦ୍ଧାର କରି ଲେଖନ୍ତି, "ମା ଆମକୁ ବଂଶାବଳୀ ଶିଖାଏ-ଜେଜେଙ୍କ ନା ଗୋକୁଳାନନ୍ଦ ଚୌଧୁରୀ, ତାଙ୍କ ବାପାଙ୍କ ନାଁ ନରଜସୁନ୍ଦର ମଙ୍ଗରାଜ, ତାଙ୍କ ବାପା ନୋବରଧନ ମଙ୍ଗରାଜ । ସ୍ତ୍ରୀ ଲୋକମାନେ ସ୍ୱାମୀ ଓ ଅନ୍ୟ ଗୁରୁଜନଙ୍କର ନାମ ଧରିବା ମନା । ତେଣୁ ଏ ବିକୃତି ।" ଚି ରଂଜନ ଦାସ ଲେଖନ୍ତି, "ଏମାନେ ହେଉଛନ୍ତି ସବାମୂଳରେ ଶୁଦ୍ରମୁନି ଶାରଳା ଦାସଙ୍କ ବଂଶଧର । ଏହି ବଂଶ ପ୍ରଥମେ ଶାରଳା ଦେବୀଙ୍କ ପୀଠ ଗାଆଁ ତେନ୍ତୁଳିପଦାରେ ବାସ କରୁଥିଲେ । ସେହି ବଂଶର ଜନୈକ ବଂଶଧର ଶ୍ରୀଜଗନ୍ନାଥ ତେନ୍ତୁଳିପଦାରେ ବସବାସ କରିବାରେ ଅସୁବିଧା ହେବାରୁ ଖେରସ ଗ୍ରାମକୁ ଉଠି ଆସିଥିଲେ ।"(ଶ୍ରୀ ନବକୃଷ୍ଣ ଚୌଧୁରୀ-ଏକ ଜୀବନୀ, ଚି ରଂଜନ ଦାସ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓରିଏ ।ଲ ଷ୍ଟଡିଜ, ଦି ୟୁନିଭର୍ସ, କଟକ, ୧୯୯୨, ପୃ ୯) ଖେରସରେ ଏହି ବଂଶଟି ଥିଲା ଜମିଦାର ବଂଶ । କିନ୍ତୁ ଗୋକୁଳାନନ୍ଦ ହିଁ ଏହି "ବଂଶରୁ ସର୍ବପ୍ରଥମେ ଆଧୁନିକ ଇଂରାଜୀ ପାଠ ପଢ଼ିବାକୁ କଟକ ଯାଇଥିଲେ ।" କଟକରେ ତାଙ୍କର ସହପାଠୀ ହେଲେ ମଧୁସୂଦନ ଦାସଙ୍କର ସାନଭାଇ ଗୋପାଳବଲ୍ଲଭ ଦାସ (୧୮୬୧-୨୩ ଡିସେମ୍ବର ୧୯୧୪) । ଦୁହେଁ ୧୮୮୧ ମସିହାରେ ଏଫ୍ ଏ ପରୀକ୍ଷାରେ ଉ ର୍ଣ୍ଣି ହେଲେ, ଗୋକୁଳାନନ୍ଦ ୨ୟ ଶ୍ରେଣୀରେ ଓ ଗୋପାଳବଲ୍ଲଭ  ୩ୟ ଶ୍ରେଣୀରେ ।(ଉତ୍କଳ ଦୀପିକା, ୧୫ ଜାନୁଆରୀ ୧୮୮୧) ସେହି ବର୍ଷ ସେପ୍ଟେମ୍ବର ମାସ ମଧୁସୂଦନ କଟକ ଫେରିଲେ ଓ ପ୍ରଥମ ଓଡ଼ିଆ ଓକିଲଭାବେ ସ୍ଥାନୀୟ କୋର୍ଟରେ ପଂଜୀକୃତ ହୋଇଗଲେ । ଉତ୍କଳ ଦୀପିକା ଲେଖିଲେ (ଦ୍ରଷ୍ଟବ୍ୟ ୨୪ ସେପ୍ଟେମ୍ବର ୧୮୮୧ ସଂଖ୍ୟା), "ଓଡ଼ିଶାର ପ୍ରଥମ ଏବଂ ଏପର୍ଯ୍ୟନ୍ତ ଏକମାତ୍ର ଏମ୍.ଏ. ଓ ବି.ଏଲ୍. ଉପାଧିଧାରୀ ବାବୁ ମଧୁସୂଦନ ଦାସ ଗତ ସପ୍ତାହରୁ ଏ ନଗରକୁ ଆସି ଏଠା ଅଦାଲତମାନଙ୍କରେ ଓକାଲତୀ କରିବା ଆରମ୍ଭ କରିଅଛନ୍ତି ।....

ଏତେଦିନେ ଓଡ଼ିଶାର ଅଦାଲତରେ ଜଣେ ଶିକ୍ଷିତ ଉଚ୍ଚଶ୍ରେଣୀର ଉକୀଲ ଦେଖି ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁ ।" ସେ ସମୟର କଟକର ଅଧିବାସୀଙ୍କର ପ୍ରତିକ୍ରିୟାକୁ ପ୍ରତିଫଳିତ କରି ସୁରେନ୍ଦ୍ର ମହାନ୍ତି ଲେଖନ୍ତି, "ଆଉ କେହି କେହି ଟିପ୍ପଣୀ କରିଥିଲେ, ଯାହାହେଉ ଏତେ ଦିନେ ଜଣେ ଓଡ଼ିଆ ପ୍ରଥମେ ଓକିଲାତୀ ପାଶ କରି ଓକିଲ ହୋଇପାରିଲା । ହେଉ ଦେଖ, ହରିବଲ୍ଲଭ ବାବୁ, ପ୍ରିୟନାଥ ବାବୁ, କେଡ଼େ କେଡ଼େ ବଡ଼ ବଂଗାଳୀ ଓକିଲ ଅଛନ୍ତି । ସେମାନଙ୍କ ଆଗରେ ମୁଣ୍ଡ ଟେକି ଠିଆ ହୋଇ ପାରିଲେ ତ !" (ଶତାବ୍ଦୀର ସୂର୍ଯ୍ୟ, ସୁରେନ୍ଦ୍ର ମହାନ୍ତି, ଲାର୍କ ବୁକ୍ସ, ଚତୁର୍ଥ ପ୍ରକାଶ, ୨୦୧୦, ପୃ ୧୮୪-୮୫) ୧୮୮୩ରେ ଗୋକୁଳାନନ୍ଦ ବି.ଏ.ପାସ କଲେ ୨ୟ ଶ୍ରେଣୀରେ ଓ ସହପାଠୀ ଗୋପାଳବଲ୍ଲଭ ପାସ କଲେ ୩ୟ ଶ୍ରେଣୀରେ । (ଉତ୍କଳ ଦୀପିକା, ୩ ଫେବୃଆରୀ ୧୮୮୩) ଏହି ଗୋପାଳବଲ୍ଲଭଙ୍କ ସହପାଠୀତ୍ୱ ଗୋକୁଳାନନ୍ଦଙ୍କୁ ମଧୁସୂଦନଙ୍କର ନିକଟ ହେବାକୁ ସୁଯୋଗ ଦେଇଥିବ । ବିଶେଷତଃ ବି.ଏ. ପାସ କରିବା ପରେ ଲ'ରେ ନାମ ଲେଖାଇବା ଦ୍ୱାରା ଏହି ସମ୍ପର୍କ ଅଧିକ ନିବିଡ଼ ହୋଇଥିବ । ମଧୁସୂଦନଙ୍କ ସହ ଗୋକୁଳାନନ୍ଦଙ୍କର ଏକ କଥୋପକଥନ, ଯେପରି ସୁରେନ୍ଦ୍ର ମହାନ୍ତି ବର୍ଣ୍ଣନା କରିଛନ୍ତି, ଏହି ନିବିଡ଼ତାର ଉଦାହରଣ ହୋଇପାରେ । ମଧୁବାବୁଙ୍କ ସିରସ୍ତାରେ ଲ' କଲେଜ ଛାତ୍ର ଗୋକୁଳାନନ୍ଦ ଆସି ପହଂଚିଛନ୍ତି । ତାଙ୍କୁ ଦେଖି 'ସ୍ୱଭାବସୁଲଭ ରୀତିରେ ମଧୁସୂଦନ ବଙ୍ଗଳାରେ କହିଉଠିଲେ', "କିହୋ ଗୋକୁଳାନନ୍ଦ, ଦେଶଟି ବ ର୍ମାନ କେଉଁ ଆଡ଼େ ଯାଉଛି, ସେ ଖବର ରଖିଛ ?" ସୁରେନ୍ଦ୍ର ବାବୁ ଗୋକୁଳାନନ୍ଦଙ୍କର ଉ ରର ପୃଷ୍ଠଭୂମି ଦେଇ ଲେଖନ୍ତି, "ଗୋକୁଳାନନ୍ଦ ବଂଗଳାଭାଷାର ପ୍ରଚଣ୍ଡ ବିରୋଧୀ । ଅନ୍ୟ ଦିନମାନଙ୍କରେ ମଧୁସୂଦନ ବଂଗଳା କଥା ସେ ନୀରବରେ ଗଳାଃଧକରଣ କରିଯାନ୍ତି । ମାତ୍ର ସେ ଦିନର ମାନସିକ ଆବସ୍ଥାରେ ସେ ପ୍ରସ୍ତୁତ ନ ଥିଲେ । ଗୋକୁଳାନନ୍ଦ ଶ୍ଳେଷପୂର୍ଣ୍ଣ କଣ୍ଠରେ ଉ ର ଦେଲେ, 'ଦେଶଟି ବ ର୍ମାନ ଚାଲିଛି ଆପଣଙ୍କ କଲିକତା ଆଡ଼େ !' ମଧୁସୂଦନ ଏହାର ମର୍ମ ବୁଝି ନପାରି ପଚାରିଲେ, 'ମାନେ ? କଥାଟି ସ୍ପଷ୍ଟକରି କୁହନା ଗୋକୁଳାନନ୍ଦ ?' ଗୋକୁଳାନନ୍ଦ କହିଲେ, 'ମାନେହେଉଛି ଆଜିର ସାହେବ ପ୍ରିନ୍ସିପାଲ ବ ର୍ମାନ ଲ' କଲେଜକୁ ପୁଣି ବନ୍ଦ କରିଦେବା ପାଇଁ କହିଲାଣି । ଉଇଲକିନ୍ସନ ପାର୍ଟଟାଇମ ଲେକଚର୍ର ହୋଇ ରହିବାପାଇଁ ନାରାଜ । ସେଥିରେ ସେ ପୁଣି ବିଦ୍ୟାରେ ଯେପରି ଦିଗ୍‌ଗଜ; ପରୀକ୍ଷାଫଳରୁ ତାହା ବେଶ୍ ଜଣାପଡିଯାଇଛି । ଏବେ ଆପଣ ଯଦି ବାପାଙ୍କୁ କୌଣସି ଉପାୟରେ ବୁଝାଇ ଲ' ପଢ଼ିବା ପାଇଁ ମୋତେ କଲିକତା ପଠାଇ ପାରନ୍ତି, ତା ହେଲେ ତ ହେଲା । ନୋହିଲେ ଲ'ପାଠରେ ଏଇଠାରେ ଡୋରି ବନ୍ଧା ହେଲା ବୋଲି ଜାଣନ୍ତୁ ।' (ଶତାବ୍ଦୀର ସୂର୍ଯ୍ୟ, ସୁରେନ୍ଦ୍ର ମହାନ୍ତି, ଲାର୍କ ବୁକ୍ସ , ଚତୁର୍ଥ ପ୍ରକାଶ, ୨୦୧୦, ପୃ ୨୨୮) ଏହି ସ୍ପଷ୍ଟ ଶ୍ଳେଷପୂର୍ଣ୍ଣ କଥୋପକଥନର ପରିଣତି ହୋଇଥିଲା ଯେ ମଧୁସୂଦନ ଲ'କଲେଜର ପାର୍ଟଟାଇମ ଲେକଚର୍ର ହେବାକୁ ରାଜି ହେଲେ କିନ୍ତୁ ସ ର୍ ରଖିଲେ ଯେ ସେ ବେତନ ନେବେ ନାହିଁ । ଲ' କଲେଜ ଆଉ ବନ୍ଦ ହେଲା ନାହିଁ । ଏହି ବର୍ଣ୍ଣିତ କଥୋପକଥନରୁ ଉତୁରି ଆସୁଛି ଗୋକୁଳାନନ୍ଦଙ୍କ ବ୍ୟକ୍ତିତ୍ୱର ଛବି, ତାଙ୍କର ସ୍ପଷ୍ଟବାଦିତା ଓ ନିର୍ଭୀକତା । ଗୋକୁଳାନନ୍ଦଙ୍କର ଏହିଭଳି ବ୍ୟକ୍ତିତ୍ୱ ସମ୍ପର୍କରେ ସୁରେନ୍ଦ୍ର ମହାନ୍ତି ଅନ୍ୟତ୍ର ଲେଖନ୍ତି, "ମଧୁସୂଦନଙ୍କୁ ମୁହେଁ ମୁହେଁ ଜବାବ ଦେବାରେ ଗୋକୁଳାନନ୍ଦ କେବେ କୁଣ୍ଠିତ ବା ଶଙ୍କିତ ନ ଥିଲେ ।" (ଶତାବ୍ଦୀର ସୂର୍ଯ୍ୟ, ସୁରେନ୍ଦ୍ର ମହାନ୍ତି, ଲାର୍କ ବୁକ୍ସ, ଚତୁର୍ଥ ପ୍ରକାଶ, ୨୦୧୦, ପୃ ୩୫୪) ଅଥଚ ଓକିଲାତି ପାସ କରିବା ପରେ ଗୋକୁଳାନନ୍ଦ ମଧୁସୂଦନଙ୍କର ଜୁନିଅର ଭାବେ ହିଁ ତାଙ୍କର ଓକିଲାତି ପେଶା ଆରମ୍ଭ କରିଥିଲେ । ମଧୁସୂଦନଙ୍କର ଛାୟାରେ ହିଁ ତାଙ୍କର ଜନଜୀବନ ସହ ସଂପୃକ୍ତି ଗଭୀର ହେଉଥିଲା । ମଧୁସୂଦନଙ୍କ ନେତୃତ୍ୱରେ ପରିଚାଳିତ ସଂଗଠନ ଉତ୍କଳ ସଭାର ଗୋକୁଳାନନ୍ଦ ଥିଲେ ଜଣେ ସକ୍ରିୟ ସଭ୍ୟ । ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନମାନଙ୍କୁ ଉତ୍କଳସଭା ନିଜର ପ୍ରତିନିଧି ପଠାଇବାର ନିଷ୍ପ ିରେ ଗୋକୁଳାନନ୍ଦ ମଧ୍ୟ ସାମିଲ ହେଉଥିଲେ । ସବୁ ଓଡ଼ିଆ ଭାଷାଭାଷୀ ଅଂଚଳର ଏକତ୍ରୀକରଣ (ମଧ୍ୟପ୍ରଦେଶରୁ ସମ୍ବଲପୁର, ମାନ୍ଦ୍ରାଜରୁ ଗଂଜାମ ଓ ବଂଗଦେଶ ଅଧୀନରେ ଥିବା ଜିଲ୍ଲା ସମୂହ, କଟକ, ପୁରୀ ଓ ବାଲେଶ୍ୱର) କରି ତାକୁ ଏକ ଶାସନାଧୀନ କରିବାର ଉଦ୍ୟମରେ ସେ ଥିଲେ ମଧୁସୂଦନଙ୍କର ଏକ ବଳିଷ୍ଠ ସହଯୋଗୀ । ଯଦି ଏହି ଏକତ୍ର ହୋଇଥିବା ଅଂଚଳ ଏକ ସ୍ୱତନ୍ତ୍ର ଶାସନାଧୀନ ନ ହୁଏ, ତାହାହେଲେ ଏହା ବଙ୍ଗଦେଶର ଶାସନାଧୀନ ହେବ କି ମଧ୍ୟପ୍ରଦେଶର ଶାସନାଧୀନ ହେବ , ତାହାକୁ ନେଇ ମଧୁସୂଦନ ଓ ଗୋକୁଳାନନ୍ଦଙ୍କ ମଧ୍ୟରେ ହୋଇଥିଲା ମତପାର୍ଥକ୍ୟ । ସୁରେନ୍ଦ୍ର ମହାନ୍ତି ଏହି ମତଭେଦର ଏକ ଚମତ୍କାର ଦୃଶ୍ୟ ଉପସ୍ଥାପନ କରିଛନ୍ତି ଶତାବ୍ଦୀର ସୂର୍ଯ୍ୟରେ (ପୃ ୪୮୭) । ଦୃଶ୍ୟଟି ଏହିପରି:

*ମଧୁସୂଦନଙ୍କୁ ନିରୋଳାକୁ ଡାକି ଆଣି ଓକିଲ ମାୟାଧର ଦାସ କହିଲେ, 'ଆପଣ ଗୋକୁଳାନନ୍ଦଙ୍କୁ ବୁଝାନ୍ତୁ । ମଧ୍ୟ ପ୍ରଦେଶ ସହିତ ମିଶ୍ରଣ ପାଇଁ ପ୍ରସ୍ତାବରେ ଉଲ୍ଲେଖ ନ ରହିଲେ, ପ୍ରସ୍ତାବର ସେ ଖୋଲାଖୋଲି ବିରୋଧ କରିବେ ବୋଲି କହି ସାରିଲେଣି । କିନ୍ତୁ ଏପରି ବ୍ୟାପାରରେ ଐକ୍ୟ ନ ରହିଲେ, ଆମ୍ଭମାନଙ୍କର ଦାବୀ ଯେ ଦୁର୍ବଳ ହେଇଯିବ; ସେ କଥା କଣ ଆପଣଙ୍କୁ ବୁଝାଇବାକୁ ହେବ ?'*

*'କିନ୍ତୁ ବଂଗଳାରେ ଏକାଠି ରହିବା ବିରୁଦ୍ଧରେ ଗୋକୁଳାନନ୍ଦର ଏତେ ଜିଦ୍ କାହିଁକି?' ମଧୁସୂଦନ ପଚାରିଲେ । ମାୟାଧର କହିଲେ, 'ଆଗନ୍ତୁକ ମାନଙ୍କର ଉତ୍ପାତ ଯେପରି ଲାଗିରହିଛି, ସେମାନେ ପୁଣି ଓଡିଶାରେ ନିଜକୁ ଗୋଟିଏ ସବସିଡିଆରୀ-ରୁଲିଂ-ରେସ ରୂପେ ଜ୍ଞାନ କରୁଅଛନ୍ତି; ଗୋକୁଳାନନ୍ଦଙ୍କ ପ୍ରତିବାଦ ତାରି ବିରୁଦ୍ଧରେ । ଓଡ଼ିଆ ଭାଷାଭାଷୀ ଅଂଚଳମାନ ବଂଗଳା ଅଧୀନରେ ରହିଲେ, ଓଡ଼ିଆଙ୍କ ଦୁର୍ଦ୍ଦଶା ଆଉରି ବଢ଼ିବ ବୋଲି ତାଙ୍କର ଆଶଙ୍କା ।' 'ଇଏ ସିନା ଚୋରଉପରେ ମାନ ମାରି ଖପରାରେ ଖାଇବା ପରି କଥା!' ମଧୁସୂଦନ କହିଲେ .....' ଓଡ଼ିଶାଠାରୁ ବଳି ମଧ୍ୟପ୍ରଦେଶ ଆଉରି ଅନୁନ୍ନତ । ମଧପ୍ରଦେଶରେ ନାଁ ଅଛି ବିଶ୍ୱବିଦ୍ୟାଳୟ, ନାଁ ଅଛି ହାଇକୋର୍ଟ! ଓଡିଶାକୁ ଯେତେବେଳେ କଲିକତା ହାଇକୋର୍ଟ, କଲିକତାର ବିଶ୍ୱବିଦ୍ୟାଳୟ ଅଧୀନରେ ରହିବା ପାଇଁ ପଡୁଛି, ଓଡିଶା ବଂଗଳା ହତାମଧ୍ୟରେ ରହିବା ହିଁ ଯୁକ୍ତିଯୁକ୍ତ ହେବ । କିନ୍ତୁ ସେ କଥା ଏବେ ପଡିଛି କାହିଁକି? ଓଡିଆ ଭାଷାଭାଷୀ ଅଂଚଳ ସବୁ ପ୍ରଥମେ ଏକ ଶାସନାଧୀନରେ ରହିବାର ନୀତି ସ୍ୱୀକୃତ ହୋଇଯାଉ । ତେଣିକି ଓଡିଶା କେଉଁ ପ୍ରଦେଶରେ ରହିବ, ସେ ବିଚାର ପରେ ହେବ ।'*

ଉଲ୍ଲିଖିତ ପ୍ରସ୍ତାବ ଥିଲା ଓଡ଼ିଆ ଭାଷାଭାଷୀ ଅଂଚଳମାନଙ୍କର ଏକତ୍ରୀକରଣ ପାଇଁ ଗୋଟିଏ ସ୍ମାରକ ପତ୍ର ଭାଇସରାୟ ଲର୍ଡ କର୍ଜନଙ୍କୁ ଦେବା ପାଇଁ । ଶେଷକୁ ଗୋକୁଳାନନ୍ଦ ହିଁ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଉତ୍କଳ ସଭାର ସାଧାରଣ ସଭାରେ (କଟକ ପ୍ରିଂ ପ୍ରେସ ଠାରେ ୨୨/୪/୧୯୦୩ ଦିନ)ଯେଉଁ ପ୍ରସ୍ତାବ ଆଗତ କଲେ ତାହା ଥିଲା ଏହିପରି :

*ଏ ସଭା ମହାମାନ୍ୟ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନେରଲଙ୍କ ନିକଟକୁ ଖଣ୍ଡିଏ ଆବେଦନ ପତ୍ର ପଠାନ୍ତୁ , ଏବଂ ଉକ୍ତ ଆବେଦନ ପତ୍ରରେ ,*

*୧-ସମ୍ବଲପୁର, ଛୋଟନାଗପୁର, ଗଂଜାମ, ବିଶାଖାପଟନମ୍ ଏବଂ ମେଦିନୀପୁର ଜିଲ୍ଲା ମାନଙ୍କରେ ଓଡିୟାଭାଷୀ ବିଭାଗମାନଙ୍କୁ ଓଡିଶା ପ୍ରଦେଶ ସଂଗେ ମିଳିତ କରାଯାଉ, ୨-ଆସାମ ପରି ଓଡିଶାକୁ ଗୋଟିଏ ବିଭିନ୍ନ ଚୀଫକମିଶନରସିପ ଗଠିତ କରାଯାଉ ଏବଂ*

*ତାହା କଲିକତା ହାଇକୋର୍ଟର ବିଚାରାଧୀନ ଓ କଲିକତା ବିଶ୍ୱବିଦ୍ୟାଳୟର ଶିକ୍ଷାଧୀନ ରଖାଯାଉ । ଗବର୍ଣ୍ଣମେ ବିଚାରରେ ଏ ଦୁଇଟି ମଧ୍ୟରୁ ଯେଉଁଟି ଜାତୀୟ ଉନ୍ନତିର ଆନୁକୂଲ୍ୟ ହେବ ସେହି ଗୋଟିକ ଗ୍ରାହ୍ୟ ହେଉ । (ଉତ୍କଳ ଦୀପିକା ୨୫/୪/୧୯୦୩)*

ଆବେଦନ ପତ୍ରର ଚିଠା ପ୍ରସ୍ତୁତ ପାଇଁ ଯେଉଁ କମିଟି ଏହି ଅଧିବେଶନରେ, ଗୋପାଳ ପ୍ରହରାଜଙ୍କ ପ୍ରସ୍ତାବ ଅନୁଯାୟୀ ଗଠନ ହେଲା ସେଥିରେ ମଧୁସୂଦନ ଦାସଙ୍କ ସହ ଗୋକୁଳାନନ୍ଦ ଚୌଧୁରୀ ମଧ୍ୟ ରହିଲେ । ଏହି ଆବେଦନ ସଫଳ ହୋଇଥିଲା । ଲର୍ଡ କର୍ଜନଙ୍କର ସିଦ୍ଧାନ୍ତ ବହନ କରୁଥିବା ହୋମ୍‌ସେକ୍ରେଟାରୀ ଏଚ୍ ଏଚ୍ ରିସ୍‌ଲେଙ୍କ ସ୍ୱାକ୍ଷରିତ ସର୍କୁଲାର (ନଂ ୩୬୭୮) ଯାହା ୧୯୦୩ ସାଲ ଡିସେମ୍ବର ତା ୩ରିଖ ଦିନ ସରକାରଙ୍କ ଗେଜେଟରେ ପ୍ରକାଶ ପାଇଲା ସେଥିରେ ଥିଲା 'ବିଭିନ୍ନ ଶାସନାଧୀନରେ ଥିବା ବିକ୍ଷିପ୍ତ ଓଡ଼ିଆଭାଷାଭାଷୀ ଅଂଚଳମାନଙ୍କୁ ଏକତ୍ରିତ କରି (ଅବଶ୍ୟ ଏଥିରୁ ମେଦିନପୁର ବାଦ୍ ପଡିଥିଲା), ବଂଗଳା ଶାସନର ପରିସର ମଧ୍ୟରେ ରଖିବାର ପ୍ରସ୍ତାବ । ଲର୍ଡ କର୍ଜନଙ୍କର ଏହିଭଳି ନିଷ୍ପ ି ପାଇଁ ଡିସେମ୍ବର ୩୦ ଓ ୩୧ ଦିନ କଟକ ଇଦ୍‌ଗା ପଡ଼ିଆରେ ହୋଇଥିବା ପ୍ରଥମ ଉତ୍କଳ ସମ୍ମିଳନୀର ଅଧିବେଶନର ପ୍ରଥମ ରିଜୋଲ୍ୟୁସନଟି ଥିଲା ଲର୍ଡ କର୍ଜନଙ୍କ ପ୍ରତି କୃତଜ୍ଞତାର ଅଭିବ୍ୟକ୍ତି । କିନ୍ତୁ ଓଡ଼ିଆ ଭାଷାଭାଷୀ ଅଂଚଳ ବଙ୍ଗଳା ଶାସନାଧୀନ ରହିବାକୁ ନେଇ ମଧୁସୂଦନ ଓ ଗୋକୁଳାନନ୍ଦଙ୍କ ମଧ୍ୟରେ ଦୂରତା ବଢ଼ିବାକୁ ଲାଗିଲା । ମଧପ୍ରଦେଶ ସହ ଓଡ଼ିଆ ଭାଷାଭାଷୀ ଅଂଚଳକୁ ରଖିବାର ଦାବୀକୁ 'ଉତ୍କଳର ଅମଙ୍ଗଳ ଚିନ୍ତା' ଶିରୋନାମରେ ଉତ୍କଳ ଦୀପିକା ୩୦/୧/୧୯୦୪ ଓ ୬/୨/୧୯୦୪ ସଂଖ୍ୟାରେ ଏକ ଦୀର୍ଘ ପ୍ରତିବାଦ ଲେଖିଲେ । ମଧପ୍ରଦେଶରେ ରହିଲେ ଓଡ଼ିଆଙ୍କର ସ୍ୱାର୍ଥ ଅଧିକ ସୁରକ୍ଷିତ ହେବ, 'ଓଡ଼ିଆଙ୍କୁ କିଛି କିଛି ସରକାରୀ ଚାକିରି ମିଳିବ', ବୋଲି ମଧପ୍ରଦେଶରେ ମିଶିବା ସପକ୍ଷବାଦୀମାନେ ଯୁକ୍ତି କରୁଥିଲେ । ଓଡ଼ିଆ ଭାଷାଭାଷୀ ଅଂଚଳ ମଧପ୍ରଦେଶ ଶାସନାଧୀନ ହେବା ସପକ୍ଷରେ ଗୋକୁଳାନନ୍ଦ ପ୍ରକାଶ୍ୟରେ ଥିଲେ (The Oriya Movement by Two Bachelor of Arts (Niranjan Patnaik and Chakrapani Pradhan), First published in 1919, p.28 ) ଯେପରି ମଧୁସୂଦନ ପ୍ରକାଶ୍ୟରେ ଥିଲେ ବଙ୍ଗଳା ଶାସନାଧୀନ ସପକ୍ଷରେ । ମଧୁସୂଦନ "ନିଜକୁ ଯେତେ ଓଡ଼ିଆ, ଓଡ଼ିଆ ବୋଲନ୍ତୁ ପଛେ ତାଙ୍କ ଦରଦ ସେହି କଲିକତୀ ବଙ୍ଗାଳୀଙ୍କ ପାଇଁ "(କୁଳବୃଦ୍ଧ, ସୁରେନ୍ଦ୍ର ମହାନ୍ତି, ଲାର୍କବୁକ୍‌ସ , ଚତୁର୍ଥ ପ୍ରକାଶ, ୨୦୧୧, ପୃ ୯୬) ଏହା ହିଁ ମଧୁସୂଦନଙ୍କର ବଙ୍ଗଳା ଶାସନାଧୀନ ସପକ୍ଷତାର କାରଣ ବୋଲି ଗୋକୁଳାନନ୍ଦଙ୍କର ଧାରଣା ଦୃଢ଼ ହେଉଥିବା ବେଳେ, ଗୋକୁଳାନନ୍ଦଙ୍କର ଜିଦ୍‌ର କାରଣ ସମ୍ପର୍କରେ ମଧୁସୂଦନ ଯାହା ବୁଝିଥିଲେ ତାହା ଏହିପରି: "ଗୋକୁଳାନନ୍ଦଙ୍କ ପୂର୍ବପୁରୁଷ ମରହଟ୍ଟାମାନଙ୍କଠାରୁ ଯେଉଁ ଜମିଦାରୀ ପାଇଥିଲେ ଇଂରେଜମାନଙ୍କ ଅମଳରେ ସେତକ ହରାଇ ବସିଲେ । କେବଳ ଗୋକୁଳାନନ୍ଦ ବୋଲି ନୁହନ୍ତି; କେତେକ ମଧ ତାଙ୍କରି ପରି, ଇଂରେଜ ଶାସନ ତୁଳନାରେ ବରଂ ମରହଟ୍ଟା ବର୍ଗୀଶାସନ ଭଲ ଥିଲା ବୋଲି ଭାବନ୍ତି! ସେଥିପାଇଁ ବଙ୍ଗଳା ପରିବର୍େ ମଧପ୍ରଦେଶରେ ମିଶିବା

ଗୋକୁଳାନନ୍ଦଙ୍କର ଇଚ୍ଛା । ଓଡ଼ିଶାରେ ଇଂରେଜ କହିଲେ ତ ଲୋକେ ବୁଝୁଛନ୍ତି କଲିକତାର ବଙ୍ଗାଳୀଙ୍କୁ ।" (ଶତାବ୍ଦୀର ସୂର୍ଯ୍ୟ, ସୁରେନ୍ଦ୍ର ମହାନ୍ତି, ଲାର୍କ ବୁକ୍ସ, ଚତୁର୍ଥ ପ୍ରକାଶ, ୨୦୧୦, ପୃ ୪୯୬) । କହିବା ବାହୁଲ୍ୟ ଯେ ମଧୁସୂଦନଙ୍କର ଏକ ପ୍ରତିପକ୍ଷ ବ୍ୟକ୍ତିତ୍ୱ ଭାବେ, ତାଙ୍କର ଏକଦା ଛାତ୍ର ଓ ଜୁନିଅର, ଗୋକୁଳାନନ୍ଦ ପ୍ରକଟିତ ହେଉଥିଲେ । ଗୋକୁଳାନନ୍ଦଙ୍କ ଜୁନିଅର ଭାବେ ଯୋଗ ଦେଇଥିବା ଗୋପବନ୍ଧୁ(ଦାସ)ଙ୍କ ସମ୍ମୁଖରେ ସେ ବିସ୍ଫୋରଣ କରି ଉଠୁଥିଲେ: "ମଧୁବାବୁଙ୍କ ଛଡ଼ା ଓଡ଼ିଶାରେ ଆଉ କ'ଣ ମଣିଷ ନାହାନ୍ତି ?"(କୁଳବୃଦ୍ଧ, ସୁରେନ୍ଦ୍ର ମହାନ୍ତି, ଲାର୍କ ବୁକ୍ସ , ଚତୁର୍ଥ ପ୍ରକାଶ, ୨୦୧୧, ପୃ ୫୮) ବେଙ୍ଗଲ ଲେଜିସ୍ଲେଟିଭ କାଉନ୍ସିଲର ନିର୍ବାଚନରେ ଓଡ଼ିଶାରୁ ଜଣେ ପ୍ରତିନିଧିଭାବେ ମଧୁସୂଦନଙ୍କ ପ୍ରାର୍ଥୀତ୍ୱ ସପକ୍ଷରେ ଯେତେବେଳେ ତତ୍କାଳୀନ ସମ୍ବାଦପତ୍ର ଉତ୍କଳ ଦୀପିକା (୩/୧୧/୧୯୦୬) ବେଶ୍ ମୁଖର ହେଉଥିଲା ସେତେବେଳେ ତାଙ୍କ ବିରୋଧରେ ଗୋକୁଳାନନ୍ଦ ଚୌଧୁରୀଙ୍କର ପ୍ରାର୍ଥୀତ୍ୱର ସମ୍ଭାବନାର ମଧ୍ୟ ଆକଳନ ଆରମ୍ଭ ହୋଇଥିଲା ଓ ସମ୍ବାଦପତ୍ର ଉତ୍କଳଦର୍ପଣ ଗୋକୁଳାନନ୍ଦଙ୍କ ପ୍ରାର୍ଥୀତ୍ୱର ସପକ୍ଷରେ ବାହାରିଥିଲା (ଉତ୍କଳ ଦୀପିକା, ୮/୧୨/୧୯୦୬) । ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ, "ଅତୀତରେ ଦୁଇଥର ୧୮୯୬ ଓ ୧୯୦୦ ମସିହା ନିର୍ବାଚନରେ -ମଧୁସୂଦନ ଥିଲେ ପ୍ରାୟ ଅପ୍ରତିଦ୍ୱନ୍ଦ୍ୱୀ । କିନ୍ତୁ ସେ ବେଳର ପରିସ୍ଥିତି ଆଉ ଏବେ ନଥିଲା । କଟକରୁ ଶୁଣାଯାଉଥିଲା, ଗୋକୁଳାନନ୍ଦ ଚୌଧୁରୀଙ୍କ ନାମ ।" (କୁଳବୃଦ୍ଧ, ସୁରେନ୍ଦ୍ର ମହାନ୍ତି, ଲାର୍କ ବୁକ୍ସ, ଚତୁର୍ଥ ପ୍ରକାଶ, ୨୦୧୧, ପୃ ୫୭) ଉତ୍କଳ ଦୀପିକା (୨୨/୧୨/୧୯୦୬ ସଂଖ୍ୟା)ରୁ ଜଣାପଡ଼େ ଯେ କଟକ ମ୍ୟୁନିସିପାଲିଟି ତରଫରୁ ମଧୁସୂଦନ ଦାସ ଓ ଗୋକୁଳାନନ୍ଦ ଚୌଧୁରୀଙ୍କୁ ପ୍ରାର୍ଥୀ ବୋଲି ଚିହ୍ନିତ କରାଯାଇଥିଲା । ଅବଶ୍ୟ ଫେବୃଆରୀ ୨, ୧୯୦୭ଦିନ ହୋଇଥିବା ଏହି ନିର୍ବାଚନର ସର୍ବଶେଷ ପର୍ଯ୍ୟାୟରେ ଓଡ଼ିଶାରୁ ଥିଲେ ମଧୁସୂଦନ ଦାସ । କିନ୍ତୁ ସେ ପରାଜିତ ହେଲେ, ବିଜୟୀ ହେଲେ ଛୋଟନାଗପୁରର ପ୍ରତିନିଧି କେ ପି ଘୋଷ । (ଉତ୍କଳ ଦୀପିକା ୯ ଫେବୃଆରୀ ୧୯୦୭) । ଏହାପରେ ଅବଶ୍ୟ ୧୯୦୯ ମସିହା 'ମର୍ଲେ-ମିଂ ୋ ରିଫର୍ମସର ନୂତନ ସମ୍ବିଧାନ ଅନୁସାରେ ଓଡ଼ିଶା ଜିଲ୍ଲାବୋର୍ଡମାନଙ୍କ ପକ୍ଷରୁ ବଂଗଳା କାଉନ୍ସିଲକୁ' ଖାଲି ପଡ଼ିଥିବା ଗୋଟିଏ ସଭ୍ୟ ପଦପାଇଁ ମଧୁସୂଦନ ପ୍ରାର୍ଥୀ ହେଲେ ଓ ପ୍ରାର୍ଥୀ ମଧ୍ୟ ହେଲେ ଗୋକୁଳାନନ୍ଦ, ଯଦିଓ ମଧୁସୂଦନଙ୍କ ବିରୋଧରେ ପ୍ରାର୍ଥୀ ନହେବା ପାଇଁ ଗୋକୁଳାନନ୍ଦଙ୍କୁ ଅନେକେ ଅନୁରୋଧ କରିଥିଲେ । ଏହା ତ ଭିନ୍ନ କଥା ଯେ ମଧୁସୂଦନ ଏହି ନିର୍ବାଚନରେ ବିଜୟ ହୋଇଥିଲେ ଓ କୌଣସି ଭୋଟ ଗୋକୁଳାନନ୍ଦଙ୍କ ସପକ୍ଷରେ ପଡ଼ି ନଥିଲା ।(କୁଳବୃଦ୍ଧ, ସୁରେନ୍ଦ୍ର ମହାନ୍ତି, ଲାର୍କ ବୁକ୍ସ, ଚତୁର୍ଥ ପ୍ରକାଶ, ୨୦୧୧, ପୃ ୮୯-୯୦) । ମଧୁବାବୁଙ୍କର ନେତୃତ୍ୱ ନ ରହିଲେ ଉତ୍କଳ ସମ୍ମିଳନୀର ଅଧିବେଶନ ଅସମ୍ଭବ ବୋଲି ଯେତେବେଳେ ଧାରଣା ଅନେକଙ୍କୁ ଗ୍ରାସ କରୁଥିଲା ସେତେବେଳେ ଗୋକୁଳାନନ୍ଦ କହୁଥିଲେ, "ମିଷ୍ଟର ଦାସ ସଭାପତି ନ ହେଲେ କ'ଣ ଉତ୍କଳ ସମ୍ମିଳନୀ ଅଧିବେଶନ ହୋଇପାରିବ ନାହିଁ? ଅଲବତ୍ ହେବ ।.... ଅବଶେଷରେ ଗୋକୁଳାନନ୍ଦଙ୍କ ନେତୃତ୍ୱରେ ସମ୍ମିଳନୀର ସପ୍ତମ ଅଧିବେଶନ କଟକଠାରେ ଡିସେମ୍ବର ୩୦ ଓ ୩୧ ଦୁଇ ଦିନ ଧରି ଅନୁଷ୍ଠିତ ହେଲା ।"(କୁଳବୃଦ୍ଧ, ସୁରେନ୍ଦ୍ର ମହାନ୍ତି, ଲାର୍କ ବୁକ୍ସ , ଚତୁର୍ଥ ପ୍ରକାଶ, ୨୦୧୧, ପୃ ୧୦୨-୩) । କହିବା ବାହୁଲ୍ୟ ଯେ ଓଡ଼ିଆ ଜନଜୀବନରେ ମଧୁସୂଦନଙ୍କର ଏକ ବିକଳ୍ପ ଭାବେ ଗୋକୁଳାନନ୍ଦ ନିଜର ଭୂମିକାକୁ ଜାହିର କରୁଥିଲେ । ଏହାହିଁ ବୋଧେ କାରଣ ଯେ ଯେତେବେଳେ ବିହାର-ଓଡ଼ିଶା କାଉନସିଲ ସଭ୍ୟ ପାଇଁ ନିର୍ବାଚନ ଆସିଗଲା (୧୯୧୨) ସେତେବେଳେ ଗୋକୁଳାନନ୍ଦଙ୍କୁ ଅଣଦେଖା କରିବା ସମ୍ଭବ ନଥିଲା ଓ ଶୁଭାକାଂକ୍ଷୀମାନଙ୍କର ଅନୁରୋଧକୁ ଏଡାଇ ମଧୁସୂଦନ ଗୋକୁଳାନନ୍ଦଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କଲେ ଓ ଜିଲ୍ଲା ବୋର୍ଡମାନଙ୍କ ତରଫରୁ ଗୋକୁଳାନନ୍ଦ ନିର୍ବାଚିତ ହେଲେ । ଅବଶ୍ୟ ମଧୁସୂଦନ ଓଡ଼ିଶାର ପ୍ରଜାମାନଙ୍କୁ ପ୍ରତିନିଧିତ୍ୱ କଲେ ବିହାର କାଉନ୍ସିଲରେ, ତତ୍କାଳୀନ ଓଡ଼ିଶା ଡିଭିଜନାଲ କମିଶନରଙ୍କ ଦ୍ୱାରା ମନୋନୀତ ହୋଇ ।(କୁଳବୃଦ୍ଧ, ସୁରେନ୍ଦ୍ର ମହାନ୍ତି, ଲାର୍କ ବୁକ୍ସ, ଚତୁର୍ଥ ପ୍ରକାଶ, ୨୦୧୧, ପୃ ୧୩୭-୮) ।

ଗୋକୁଳାନନ୍ଦଙ୍କର ରାଜନୈତିକ ବ୍ୟକ୍ତିତ୍ୱ ବ୍ୟତିରେକେ ଏକ ବ୍ୟକ୍ତିତ୍ୱ ଯାହା ଦୃଷ୍ଟି ଆକର୍ଷଣ କରୁଥିଲା ତାହା ତାଙ୍କର ବଦାନ୍ୟତା । ଚିରଂଜନ ଦାସ ଗୋପୀନାଥ ମହାନ୍ତିଙ୍କୁ ଉଦ୍ଧାର କରି ଲେଖନ୍ତି, "ରାୟ ବାହାଦୁର ଗୋକୁଳାନନ୍ଦ ଅତ୍ୟନ୍ତ ଉଦାର ଭାବରେ ପଇସା ଖର୍ଚ୍ଚ କରୁଥିଲେ, ଦାନାଦି ବହୁତ କରୁଥିଲେ । ସେ ଅନେକ ଦରିଦ୍ର ଛାତ୍ରଙ୍କର ପାଠପଢ଼ା ଖର୍ଚ୍ଚ ନିଜେ ବହନ କରୁଥିଲେ । କୌଣସି ଦୁଃଖୀ, ରଙ୍କୀ କିମ୍ବା ବିପଦରେ ପଡ଼ିଥିବା ବ୍ୟକ୍ତି କେବେହେଲେ ତାଙ୍କ ଦୁଆରୁ ଖାଲି ହାତ ହୋଇ ଫେରି ଯାଉନଥିଲେ । ବିଶେଷତଃ ଫୌଜଦାରୀ ମକଦ୍ଦମାର ଜଣେ ବିଚକ୍ଷଣ ଓକିଲ ହିସାବରେ ଲୋକମୁଖରେ ତାଙ୍କର ଖ୍ୟାତି ରହିଥିଲା ।" (ଶ୍ରୀ ନବକୃଷ୍ଣ ଚୌଧୁରୀ-ଏକ ଜୀବନୀ, ଚି ରଂଜନ ଦାସ, ଇନ୍ଷ୍ଟିଚ୍ୟୁଟ ଅଫ୍ ଓରିଏ ।ଲ ଷ୍ଟଡିଜ, ଦି ୟୁନିଭର୍ସ, କଟକ, ୧୯୯୨, ପୃ ୧୦) କିନ୍ତୁ ଗୋକୁଳାନନ୍ଦ ଏପରି ଓକିଲ

ଥିଲେ ଯେ ସେ 'କୌଣସି ମିଥ୍ୟା ମକଦ୍ଦମାର ସମର୍ଥନ କରୁନଥିଲେ, ଓକାଲତନାମା ନେଉ ନ ଥିଲେ ।'(ଦ୍ରଷ୍ଟବ୍ୟ- ଅନୁଭବମାଳା, ଶରତଚନ୍ଦ୍ର ମହାରଣା, ଶିକ୍ଷା ସନ୍ଧାନ, ୨୦୦୫, ପୃ୨୪-୨୫(ଶୈଶବ)

ଗୋକୁଳାନନ୍ଦଙ୍କ ସଂକ୍ଷିପ୍ତ ଜୀବନ ଓଡିଶାର ଜନଜୀବନ ସନ୍ଦର୍ଭରେ ବେଶ ଘଟଣାମୟ ଥିଲା । ମାତ୍ର ୫୩ବର୍ଷ ବୟସରେ ତାଙ୍କର ଆକସ୍ମିକ ବିୟୋଗରେ (୧୪/୨/୧୯୧୫) ଉତ୍କଳ ଦୀପିକା (୨୦/୨/୧୯୧୫) ଲେଖିଥିଲେ, "ଅତ୍ୟନ୍ତ ଶୋକ ସହକାରେ ପାଠକମାନଙ୍କୁ ଜଣାଉଅଛୁଁ ଯେ ମାନ୍ୟବର ରାୟ ଗୋକୁଳାନନ୍ଦ ଚୌଧୁରୀ ବାହାଦୁର ଗତ ରବିବାର (*୧୪/୨/୧୦୧୫*) ସକାଳେ ଇହଲୀଳା ସମ୍ବରଣ କଲେ । ତହିଁ ପୂର୍ବ ଗୁରୁବାର ଦିନ ସେ କଚେରୀ ଯାଇ କାର୍ଯ୍ୟ କରିଥିଲେ ଏବଂ ଏତେ ଶୀଘ୍ର ତାଙ୍କର ଆୟୁ ଶେଷ ହେବ ବୋଲି କେହି ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ । ଶୁକ୍ରବାର ସେ ଆପଣା ସିଡ଼ିରୁ ଓହ୍ଲାଇଲା ବେଳେ ପଡ଼ିଯାଇଥିଲେ । ମାତ୍ର ଶନିବାର ସକାଳ ପର୍ଯ୍ୟନ୍ତ କିଛି ବ୍ୟତିକ୍ରମ ଘଟି ନଥିଲା । ସେହିଦିନ ସକାଳୁ ହଠାତ୍ ମସ୍ତିଷ୍କ ଆଲୋଡ଼ିତ ହେବା ସଙ୍ଗେ ସଙ୍ଗେ ପକ୍ଷାଘାତ ରୋଗ ଆକ୍ରମଣ କରିବାରୁ ସେ ଅଜ୍ଞାନ ହୋଇଗଲେ ଏବଂ ଡାକ୍ତରସାହେବ ଆସି ଯେତେ ଚେଷ୍ଟା କଲେ ସୁଦ୍ଧା ଆଉ ସଂଜ୍ଞା ଲାଭ କଲେ ନାହିଁ । ଏବଂ ଜଗଦୀଶ୍ୱରଙ୍କ ଇଚ୍ଛା ଯାହା ଥିଲା ତାହା ପୂର୍ଣ୍ଣ ହେଲା । ଅଳ୍ପ ଦିନ ପୂର୍ବେ ସେ ଆପଣା ଜ୍ୟେଷ୍ଠ ପୁତ୍ରଙ୍କୁ (*ଗୋପବନ୍ଧୁ ଚୌଧୁରୀଙ୍କୁ)* ବିବାହ ଦେଇ ଏକ ପ୍ରକାର ସଂସାର କାର୍ଯ୍ୟ ଶେଷ କରିଥିଲେ । ମାତ୍ର ସମୁଦିଙ୍କ (*ଗୋପାଳବଲ୍ଲଭ ଦାସଙ୍କ*) ପରେ (*୨୩/୧୨/୧୯୧୪*) ଏତେ ଅଳ୍ପକାଳରେ ଆଗେ ଚାଲି ଯିବା ଅବଶ୍ୟ ଦୁଃଖର ବିଷୟ । ବିଶେଷତଃ ତାଙ୍କର ପୁତ୍ର ଅବଧି ବିଷୟ କାର୍ଯ୍ୟରେ ପ୍ରବେଶ କରି ନଥିବା ଯୋଗେ ତାଙ୍କର ଅକାଳ ମୃତ୍ୟୁ କ୍ଷୋଭର କାରଣ ହୋଇଅଛି । ଓକିଲାତିରେ ତାଙ୍କର ବିଶେଷ ଯୋଗ୍ୟତା ଥିଲା ଓ ଉପାର୍ଜନ ମଧ୍ୟ ଉ ମ ହେଉଥିଲା । ସାଧାରଣ କାର୍ଯ୍ୟ ମଧ୍ୟରେ ବ୬ର୍ଷ କାଳ ଜିଲ୍ଲା ବୋର୍ଡର ଭାଇସ୍-ଚେୟାରମାନ ଥିଲେ ଏବଂ ବଂଗାଳିଙ୍କ ଠାରୁ ପୃଥକ ରଖି ଓଡ଼ିଆମାନଙ୍କର ଉନ୍ନତି କରିବାରେ ଏକାଗ୍ର ମନରେ ଲାଗିଥିଲେ । ଗଭର୍ଣ୍ଣମେ  ମଧ୍ୟ ଓଡ଼ିଆ ଓକିଲ ବୋଲି ତାଙ୍କୁ ରାୟ ବାହାଦୁର ପଦ ଦେଇଥିଲେ ଏବଂ ଗତ ବ୍ୟବସ୍ଥାପକ ସଭାର ନିର୍ବାଚନରେ ସେ ନିର୍ବାଚିତ ହୋଇ ଦେଶ ସକାଶେ କାର୍ଯ୍ୟ କରୁଥିଲେ । କରଣ ସମାଜର ସଭାପତି ହୋଇଥିଲେ ହେଁ ....... ସମାଜର କିଛି ଉନ୍ନତି କରି ପାରି ନାହାନ୍ତି । ତଥାପି ତାଙ୍କୁ ସମସ୍ତେ ସମ୍ମାନ କରୁଥିଲେ ଏବଂ ତାଙ୍କର ହଠାତ୍ ମୃତ୍ୟୁରେ ସମସ୍ତେ କ୍ଷୋଭାନ୍ୱିତ ହୋଇଅଛନ୍ତି । ତାଙ୍କ ଜ୍ୟେଷ୍ଠ ପୁତ୍ରଙ୍କୁ ସିଭିଲ ସର୍ଭିସ ସକାଶେ ବିଲାତ ପଠାଇବାକୁ ଇଚ୍ଛା ରଖିଥିଲେ । ମାତ୍ର ଯୁଦ୍ଧଯୋଗେ ସୁଯୋଗ ଘଟିଲା ନାହିଁ । ଗତ ସୋମବାର ଦିନ ଅଦାଲତ ଓ କଲେକ୍ଟରୀ କଚେରି ତାଙ୍କ ସ୍ମରଣାର୍ଥ ଅଧା ବନ୍ଦ ହୋଇଥିଲା । ମୃତ୍ୟୁ ସମୟରେ ତାହାଙ୍କ ବୟସ ୫୩ ବର୍ଷ ମାତ୍ର ହୋଇଥିଲା... ଅଧିକ ପରିତାପର ବିଷୟ । ଆମ୍ଭେମାନେ ଶୋକସନ୍ତପ୍ତ ପରିବାର ବର୍ଗର ସାନ୍ତ୍ୱନା ଓ ପରଲୋକଗତ ଆତ୍ମାର ଶାନ୍ତି ନିମି  କରୁଣାମୟ ଜଗଦୀଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁଁ ।" ଗୋକୁଳାନନ୍ଦ ଚୌଧୁରୀଙ୍କ ମୃତ୍ୟୁରେ କଟକ ଟାଉନ ଲାଇବ୍ରେରୀ ହଲରେ ଅନୁଷ୍ଠିତ ଶୋକସଭାରେ ଜନଗଣଙ୍କ ଉପସ୍ଥିତିର ଆକାରର ସୂଚନା ଦେଇ ଉତ୍କଳ ଦୀପିକା ଲେଖନ୍ତି (୨୭/୨/୧୯୧୫), "ଏମନ୍ତ କି ହଲ ମଧ୍ୟରେ ସ୍ଥାନାଭାବ ହେତୁ ଅନେକେ ବାରଣ୍ଡାରେ ଛିଡା ହେବାକୁ ବାଧ୍ୟ ହେଲେ । ଏହା ହିଁ ମୃତ ବ୍ୟକ୍ତିଙ୍କ ପ୍ରତି ସକଳଶ୍ରେଣୀର ଲୋକଙ୍କ ସମ୍ମାନ ଥିବା ବିଷୟର ପ୍ରଧାନ ନିଦର୍ଶନ ।" ସମ୍ବଲପୁର ଠାରେ ୧୯୧୫ ମସିହା ଡିସେମ୍ବର ୨୭ ଓ ୨୮ ଦିନ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଏକାଦଶ ଅଧିବେଶନରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ବରଗଡ଼ର ଓକିଲ ବାଲୁଙ୍କେଶ୍ୱର ମିଶ୍ର ତାଙ୍କର ଅଭିଭାଷଣରେ ଗୋକୁଳାନନ୍ଦ ଚୌଧୁରୀଙ୍କ ଆକସ୍ମିକ ମୃତ୍ୟୁର ଅବତାରଣା ପୂର୍ବକ କହିଥିଲେ, "ଭାଇମାନେ ! ଗଭୀର ଦୁଃଖର ବିଷୟ ଯେ ସମ୍ମିଳନୀ ଇତିହାସର ସମ୍ବଲପୁର ପୃଷ୍ଠା ରାୟ ଗୋକୁଳାନନ୍ଦ ଚୌଧୁରୀ ବାହାଦୂରଙ୍କ ଅକାଳ ମୃତ୍ୟୁରେ ମଳିନ ହୋଇଅଛି । ସମସ୍ତ ଉତ୍କଳବାସୀ ତାଙ୍କୁ ହରାଇ ନିତାନ୍ତ ପରିତପ୍ତ ହୋଇଅଛନ୍ତି । ଏହି ଦାରୁଣ ଘଟଣା ଆମ୍ଭମାନଙ୍କର ଜାତୀୟ ଉନ୍ନତିରେ ଗୁରୁତର ବ୍ୟାଘାତ ଘଟାଇଅଛି । ତାହାଙ୍କର ଆତ୍ମା ପବିତ୍ର ସ୍ୱର୍ଗରାଜ୍ୟରୁ ଜାତୀୟ ଅନୁଷ୍ଠାନରେ ସର୍ବପ୍ରକାର ନୀଚ ସ୍ୱାର୍ଥକୁ ବଳି ଦେବା ନିମନ୍ତେ ଆମ୍ଭମାନଙ୍କୁ ଆହ୍ୱାନ କରୁଥିବା ବିଶ୍ୱାସ କରି ଦ୍ୱିଗୁଣିତ ଦାୟିତ୍ୱ ଜ୍ଞାନରେ ତାଙ୍କ ଦ୍ୱାରା ଓ ଅନ୍ୟାନ୍ୟ ସମ୍ମିଳନୀ ଭକ୍ତଙ୍କ ଦ୍ୱାରା ଆରବ୍ଧ କାର୍ଯ୍ୟ ଆମ୍ଭମାନଙ୍କୁ ପୂର୍ଣ୍ଣ କରିବାକୁ ପଡିବ ।" (ଉତ୍କଳ ସମ୍ମିଳନୀ (୧୯୦୩-୧୯୩୬):ପ୍ରଥମ ଖଣ୍ଡ, ସଂପାଦନା: ଦେବେନ୍ଦ୍ର କୁମାର ଦାଶ, ପ୍ରକାଶକ: ପ୍ରଗତି ଉତ୍କଳ ସଂଘ, ରାଉରକେଲା, ପ୍ରଥମ ସଂସ୍କରଣ ୨୦୦୫, ପୃ ୩୪୯)

ଉପରୋକ୍ତ ବର୍ଣ୍ଣନାରୁ ସ୍ପଷ୍ଟ ଜଣାପଡ଼େ ଯେ ଗୋକୁଳାନନ୍ଦ ଚୌଧୁରୀ ଏକ ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ତାଙ୍କର ବ୍ୟକ୍ତିତ୍ୱକୁ ଯେ ତତ୍କାଳୀନ ସାମାଜିକ, ରାଜନୈତିକ ପରିବେଶରେ ଅଣଦେଖା କରିବା ସମ୍ଭବ ନ ଥିଲା ତାହା ମଧ୍ୟ ଜଣାପଡ଼େ । ନିର୍ବାଚନ ରାଜନୀତିରେ ସେ ଜଣେ ଲଢୁଆ ଖେଳାଳୀ ଥିଲେ । ଓଡ଼ିଆ ଜାତିର ସ୍ୱାର୍ଥ ଓ ଓଡ଼ିଶାର ବିକାଶ ତାଙ୍କୁ ଏପରି ଆବିଷ୍ଟ

କରିଥିଲା ଯେ ସେ ଏହା ହାସଲ ହେବାର ପଥରେ କୌଣସି ଅନ୍ତରାୟକୁ ବରଦାସ୍ତ କରିବାକୁ ପ୍ରସ୍ତୁତ ନଥିଲେ । ତତ୍କାଳୀନ ଓଡ଼ିଶାରେ ବଙ୍ଗାଳୀଙ୍କର ହେଜିମୋନୀ (hegemony) ବା ପ୍ରାଧାନ୍ୟକୁ ସେ ଓଡ଼ିଆର ସ୍ୱାର୍ଥ ଓ ଓଡ଼ିଶାର ବିକାଶବିରୋଧୀ ବୋଲି ବିଚାର କରୁଥିଲେ । ଏହି କାରଣରୁ ସେ ଓଡ଼ିଆ ଭାଷାଭାଷୀ ଅଂଚଳକୁ ମଧ୍ୟପ୍ରଦେଶ ଶାସନାଧୀନ ରଖିବାର ପ୍ରସ୍ତାବ ଦେଇ ଗୁରୁ ମଧୁସୂଦନଙ୍କ ସହ ତାଙ୍କର ସମ୍ପର୍କକୁ ବିପନ୍ନ କରିବା ପାଇଁ ମଧ୍ୟ ପଶ୍ଚାଦ୍‌ପଦ ହୋଇ ନ ଥିଲେ । ଏହିଭଳି ବ୍ୟକ୍ତିତ୍ୱର ପ୍ରତ୍ୟକ୍ଷ ପ୍ରଭାବ ତାଙ୍କର ଦୁଇପୁଅ ଗୋପବନ୍ଧୁ ଓ ନବକୃଷ୍ଣଙ୍କ ଉପରେ ସର୍ବାଧିକ ଦୁଇ ଦଶନ୍ଧି ଭିତରେ ହିଁ ସୀମିତ ଥିଲା । ଗୋକୁଳାନନ୍ଦଙ୍କ ମୃତ୍ୟୁବେଳକୁ ଗୋପବନ୍ଧୁଙ୍କର ବୟସ ହେଉଥିଲା ୨୦ ଓ ନବକୃଷ୍ଣଙ୍କର ବୟସ ହେଉଥିଲା ୧୪ । କିନ୍ତୁ ପରନ ର୍ୀ କାଳରେ ଏହି ଦୁଇଭାଇ ଓଡିଶାର ସାମାଜିକ ଓ ରାଜନୈତିକ ଜୀବନରେ ଯେପରି ଭୂମିକା ନିର୍ବାହ କରିଛନ୍ତି ଓ ଦୃଷ୍ଟାନ୍ତ ଛାଡ଼ି ଯାଇଛନ୍ତି ତାହା ଅନନୁକରଣୀୟ ଏହା କହିବା ବାହୁଲ୍ୟ ମାତ୍ର । ତେବେ ଗୋକୁଳାନନ୍ଦ ଚୌଧୁରୀଙ୍କର କର୍ମମୟ ଜୀବନ ଅଧିକ ଅଧ୍ୟୟନ ଓ ଅନୁଶୀଳନ ଦାବି କରେ ବୋଲି ଏ ଲେଖକର ମତ ।